# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**25 April - 2025**

**News Editor : Tapan Kumar Maharana**

**********************************

## ମୁଖ୍ୟ ସମ୍ବାଦ

- ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣାରେ କେନ୍ଦ୍ର କ୍ୟାବିନେଟ୍‌ର ନିଷ୍ପତ୍ତିକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟଗୁଡ଼ିକୁ ପରାମର୍ଶ ଦେଲେ ସ୍ୱରାଷ୍ଟ୍ରମନ୍ତ୍ରୀ
- ଅନ୍ତ୍ୟୋଦୟ ଆବାସ ଯୋଜନାରେ ଆଉ ୧ ଲକ୍ଷ ହିତାଧିକାରୀଙ୍କୁ ସାମିଲ କରିବେ ରାଜ୍ୟ ସରକାର
- 'ଆମଠାରୁ ମ୍ୟାଲେରିଆର ଅନ୍ତ ଘଟିବ'ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ମ୍ୟାଲେରିଆ ଦିବସ

ଏବଂ

- ରାଜ୍ୟରେ ୪୬ଟି ନୂଆ ସିଭିଲ୍ ଜଜ୍‌କୋର୍ଟ୍-ଜୁନିୟର ଡିଭିଜନ ଗଠନ ସଂକ୍ରାନ୍ତ ବିଜ୍ଞପ୍ତି ଜାରି

# କେନ୍ଦ୍ର କ୍ୟାବିନେଟ-ଆତଙ୍କବାଦ

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣା ପରିପ୍ରେକ୍ଷୀରେ କେନ୍ଦ୍ର ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍ କମିଟି ନେଇଥିବା ନିଷ୍ପତ୍ତିଗୁଡ଼ିକର କାର୍ଯ୍ୟକାରିତା ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ନିଜ ନିଜ ଅଂଚଳରେ ରହିଥିବା ପାକିସ୍ଥାନୀଙ୍କୁ ତାଙ୍କ ଦେଶକୁ ତୁରନ୍ତ ଫେରିଯିବା ପାଇଁ ନିର୍ଦ୍ଦେଶ ଦେବାକୁ ମୁଖ୍ୟମନ୍ତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଛି। ପାକିସ୍ଥାନ ନାଗରିକଙ୍କ ଭିସା ରଦ୍ଦ ପାଇଁ ପଦକ୍ଷେପ ନେବାକୁ ସ୍ୱରାଷ୍ଟ୍ରମନ୍ତ୍ରୀ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷରେ, ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଆଜି ଜମ୍ମୁ-କଶ୍ମୀରର ଶ୍ରୀନଗରରେ ପହଞ୍ଚିଛନ୍ତି। ତାଙ୍କୁ ଚିନାର କର୍ପସ୍‌ର ଶ୍ରୀନଗରସ୍ଥିତ ସେନାର ଜେନେରାଲ କମାଣ୍ଡିଂ ଅଫିସର ସୁରକ୍ଷା ସ୍ଥିତି ନେଇ ଅବଗତ କରାଇଛନ୍ତି। କୁପ୍‌ୱାଡା ଜିଲ୍ଲା ସମେତ ଜମ୍ମୁ-କଶ୍ମୀରର ବିଭିନ୍ନ ସୀମାନ୍ତ ଅଂଚଳରେ ପାକିସ୍ଥାନ ସେନା ପକ୍ଷରୁ ବାରମ୍ବାର ଗୁଳିଗୋଳା ମାଡ ନେଇ ଜେନେରାଲ ଦ୍ୱିବେଦୀଙ୍କୁ ତଥ୍ୟ ପ୍ରଦାନ କରାଯାଇଛି। ଜେନେରାଲ ଦ୍ୱିବେଦୀ, ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନାଙ୍କ ସହ ଆତଙ୍କବାଦୀ ଆକ୍ରମଣ ପରବର୍ତ୍ତୀ ସୁରକ୍ଷା ସ୍ଥିତି ନେଇ ଆଲୋଚନା କରିଛନ୍ତି।

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ଜାତୀୟ ମାନବାଧିକାର କମିଶନ ଦୃଢ଼ ନିନ୍ଦା କରିଛନ୍ତି। ଏକ ବିବୃତ୍ତିରେ କମିଶନ କହିଛନ୍ତି, ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଆତଙ୍କବାଦରେ ଲିପ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ଏଭଳି ଅମାନୁଷିକ କାର୍ଯ୍ୟର ଉତ୍ତରଦାୟୀ କରିବାର ସମୟ ଆସିଛି ।

## ଅନ୍ତ୍ୟୋଦୟ ଆବାସ ଯୋଜନା

ଅନ୍ତ୍ୟୋଦୟ ଆବାସ ଯୋଜନାରେ ଆଉ ଲକ୍ଷେ ହିତାଧିକାରୀଙ୍କୁ ସାମିଲ କରାଯିବ ବୋଲି ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି । ପ୍ରଥମ ପର୍ଯ୍ୟାୟରେ ୬୦ ହଜାର ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଥିବାବେଳେ ଆସନ୍ତା ମାସ ସୁଦ୍ଧା ଆଉ ଲକ୍ଷେ ହିତାଧିକାରୀଙ୍କୁ ସରକାର ଘର ପ୍ରଦାନ କରିବାର ଲକ୍ଷ୍ୟ ରଖିଥିବା ଆଜି ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ନାୟକ କହିଛନ୍ତି ।

**-V/O-***(Rabi Narayan Nayak)*

ଆସନ୍ତା ମାସ ଶେଷ ଯାଏ ଆବାସ ସର୍ଭେ ଚାଲିବାକୁ ଥିବାବେଳେ ଏବେ ସୁଦ୍ଧା ୨୯ ଲକ୍ଷ ହିତାଧିକାରୀ ସର୍ଭେରେ ସାମିଲ ହୋଇ ସାରିଥିବା ଜଣାପଡିଛି ।

## ମୁଖ୍ୟମନ୍ତ୍ରୀ – ମୁମ୍ବାଇ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଇଣ୍ଡିଆ ଷ୍ଟିଲ୍‌-୨୦୨୫ ସମ୍ମିଳନୀରେ ଯୋଗ ଦେବାପାଇଁ ମୁମ୍ବାଇ ଗସ୍ତରେ ଯାଇଛନ୍ତି । ଏଥିରେ ରାଜ୍ୟରେ ଷ୍ଟିଲ୍‌ ଉତ୍ପାଦନ ବୃଦ୍ଧି ଏବଂ କଞ୍ଚାମାଲ୍‌ ଯୋଗାଣ ବୃଦ୍ଧି ଉପରେ ମୁଖ୍ୟମନ୍ତ୍ରୀ ଆଲୋଚନା କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ପରଲୋକ

ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ତଥା ଜାତୀୟ ଶିକ୍ଷାନୀତି ପ୍ରସ୍ତୁତି କମିଟିର ମୁଖ୍ୟ ଡକ୍ଟର କେ. କସ୍ତୁରୀରଙ୍ଗନ କରଙ୍କ ଆଜି ପରଲୋକ ହୋଇଛି। ବେଙ୍ଗାଲୁରୁସ୍ଥିତ ତାଙ୍କ ବାସଭବନରେ ୮୪ ବର୍ଷ ବୟସରେ ସେ ଇହଲୀଳା ସମ୍ବରଣ କରିଛନ୍ତି। ପିଏସ୍ଏଲ୍ଭି ନିର୍ମାଣ କ୍ଷେତ୍ରରେ ଡକ୍ଟର କସ୍ତୁରୀରଙ୍ଗନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଭାରତୀୟ ମହାକାଶ ଅଭିଯାନ କ୍ଷେତ୍ରରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଥିବା ଡକ୍ଟର କସ୍ତୁରୀରଙ୍ଗନ ୨୦୦୩ ଅଗଷ୍ଟ ୨୭ ତାରିଖରେ ଇସ୍ରୋର ଅଧ୍ୟକ୍ଷ ପଦରୁ ଅବସର ଗ୍ରହଣ କରିଥିଲେ। ସେ ଜବାହଲଲାଲ ନେହେରୁ ବିଶ୍ୱବିଦ୍ୟାଳୟର କୁଳପତି, କର୍ଣ୍ଣାଟକ ନଲେଜ୍ କମିଶନର ଅଧ୍ୟକ୍ଷ ଏବଂ ବେଙ୍ଗାଲୁରୁସ୍ଥିତ ନ୍ୟାସନାଲ ଆଡ୍ଭାନ୍ସ୍ ଷ୍ଟଡିଜ୍ର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ୨୦୦୩ରୁ ୨୦୦୯ ପର୍ଯ୍ୟନ୍ତ ସେ ରାଜ୍ୟ ସଭାର ସଦସ୍ୟ ଥିଲେ।

## ଶିମିଳିପାଳ

ଶିମିଳିପାଳ ଜାତୀୟ ଉଦ୍ୟାନରେ ଜିନତ୍ ଓ ଯମୁନାକୁ ମିଶାଇ ୪୦ ମହାବଳ ବାଘ ରହିଥିବା ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ପ୍ରେମ୍ କୁମାର ଝା କହିଛନ୍ତି। ୪୦ଟି ମହାବଳ ମଧ୍ୟରୁ ୬ ଶାବକ, ୧୭ଟି ବାଘୁଣୀ ଓ ୧୮ଟି କଳା ମହାବଳ ଅଛନ୍ତି। ଆଗାମୀ ୧୦ ବର୍ଷରେ ମହାବଳଙ୍କ ସଂଖ୍ୟା ୧୦୦ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଥିବା ଶ୍ରୀ ଝା ଆଶା ବ୍ୟକ୍ତ କରିଛନ୍ତି।

ସୂଚନାଯୋଗ୍ୟ, ଶିମିଳିପାଳକୁ ଆନୁଷ୍ଠାନିକ ଭାବେ ଦେଶର ୧୦୭ତମ ଜାତୀୟ ଉଦ୍ୟାନ ଭାବେ ଗତକାଲି ଘୋଷଣା କରାଯାଇଛି । ଏହି ପରିପ୍ରେକ୍ଷୀରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ଅଧିସୂଚନା ଜାରି କରାଯାଇଛି। ଭିତର କନିକା ପରେ ଓଡ଼ିଶାର ଦ୍ୱିତୀୟ ଜାତୀୟ ଉଦ୍ୟାନର ମାନ୍ୟତା ପାଇଥିବା ଶିମିଳିପାଳ ଅଭୟାରଣ୍ୟ ୮୪୫ ଦଶମିକ ୭/୦ ବର୍ଗକିଲୋମିଟର ଅଂଚଳରେ ପରିବ୍ୟାପ୍ତ ।

## ବିଶ୍ୱ ମ୍ୟାଲେରିଆ ଦିବସ

ମ୍ୟାଲେରିଆର ପ୍ରତିକାର ଓ ପ୍ରତିରୋଧ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ମ୍ୟାଲେରିଆ ଦିବସ ପାଳନ କରାଯାଉଛି । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ଆମଠାରୁ ମ୍ୟାଲେରିଆର ଅନ୍ତ ଘଟିବ : ଏଥିନିମନ୍ତେ ପୁନର୍ବିନିଯୋଗ, ପୁନଃ ଚିନ୍ତନ କରିବା' । ୨୦୦୮ ମସିହାରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଏହି ଦିବସ ପାଳନ କରାଯାଉଛି । ମାଈ ଏନୋଫିଲିସ ମଶା କାମୁଡିବା ଦ୍ୱାରା ସାଧାରଣତଃ ମ୍ୟାଲେରିଆ ଜ୍ୱର ହୋଇଥାଏ । ୨୦୩୦ ମସିହା ସୁଦ୍ଧା ଦେଶକୁ ସମ୍ପୂର୍ଣ୍ଣ  ମ୍ୟାଲେରିଆ ମୁକ୍ତ କରିବା ପାଇଁ 'ଦମନ' - ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ ସରକାରୀ ସ୍ତରରେ ଜାରି ରହିଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମ୍ୟାଲେରିଆର ମୂଳୋତ୍ପାଟନ ପାଇଁ ଆଜିର ଦିନରେ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ସାମାଜିକ ଗଣମାଧ୍ୟମ

ବାର୍ତ୍ତାରେ ଶ୍ରୀ ମାଝୀ କହିଛନ୍ତି, ସୁଦୃଢ଼ ଶାସନ ବ୍ୟବସ୍ଥା, ସ୍ୱାସ୍ଥ୍ୟ ଢାଞ୍ଚା ଓ ଜନସହଭାଗିତା ବଳରେ ରାଜ୍ୟରେ ମ୍ୟାଲେରିଆର ପ୍ରଭାବକୁ ପ୍ରତିହତ କରାଯାଇପାରିଛି ।

## ସିଭିଲ୍ ଜଜ୍‌କୋର୍ଟ୍

ଉଚ୍ଚ ନ୍ୟାୟାଳୟର ପରାମର୍ଶକ୍ରମେ ରାଜ୍ୟରେ ଆଉ ୪୬ଟି ନୂଆ ସିଭିଲ୍ ଜଜ୍‌କୋର୍ଟ୍ - ଜୁନିୟର ଡିଭିଜନ୍ ଗଠିତ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସଂକ୍ରାନ୍ତ ପ୍ରସ୍ତାବକୁ ଅନୁମୋଦନ ପ୍ରଦାନ କରିବା ପରେ ସିଭିଲ୍ ଜର୍ଜକୋର୍ଟ୍ ଗଠନ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି ।

୨୨ଟି ଜିଲ୍ଲାରେ ଏହି କୋର୍ଟ୍‌ଗୁଡ଼ିକ ସ୍ଥାପନ ହୋଇଛି । ଏହି ଜିଲ୍ଲାଗୁଡ଼ିକ ହେଉଛି ବାଲେଶ୍ୱର, ସମ୍ବଲପୁର, ରାୟଗଡ଼ା, ପୁରୀ ସୁନ୍ଦରଗଡ଼, ସୋନପୁର, ବରଗଡ଼, ଝାରସୁଗୁଡ଼ା, ଖୋର୍ଦ୍ଧା, କୋରାପୁଟ, ଯାଜପୁର, କେନ୍ଦ୍ରାପଡ଼ା, କନ୍ଧମାଳ, ଭଦ୍ରକ ଢେଙ୍କାନାଳ, ମାଲକାନଗିରି, ବଲାଙ୍ଗିର, କଟକ, କେନ୍ଦୁଝର, ମୟୂରଭଞ୍ଜ, ଜଗତ୍‌ସିଂହପୁର ଓ ଗଞ୍ଜାମ ଆଦି ଜିଲ୍ଲାରେ ଏହି କୋର୍ଟ୍ ଗଠନ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ ଦେବା ପରେ ବିଜ୍ଞପ୍ତି ପ୍ରକାଶ ପାଇଛି ।

## ସମୀକ୍ଷା ବୈଠକ

**ଢେଙ୍କାନାଳ** ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମର ତ୍ରୟମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ

ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ବୈଠକରେ ଅଧ୍ୟକ୍ଷତା କରି ଲିଙ୍ଗ ଚିହ୍ନଟ, ଭ୍ରୂଣ ହତ୍ୟା ଏବଂ ବାଲ୍ୟବିବାହ ଏକ ସାମାଜିକ ବ୍ୟାଧି ବୋଲି ମତ ବ୍ୟକ୍ତ କରିଥିଲେ। ବିଶେଷ କରି ଦୁର୍ଗମ ଅଂଚଳରେ ଅଙ୍ଗନୱାଡି କର୍ମୀ, ସୁପରଭାଇଜର, ସ୍ୱେଚ୍ଛାସେବୀ ଓ ସିଡିପିଓମାନେ ଅଧିକ ସଜାଗ ରହିଲେ ଏହାର ସମାଧାନ ସମ୍ଭବ ହୋଇପାରିବ ବୋଲି ଶ୍ରୀ ସେଠୀ କହିଥିଲେ। ଲିଙ୍ଗ ଚିହ୍ନଟ କାର୍ଯ୍ୟ ଓ ଭ୍ରୂଣହତ୍ୟା ଘଟଣା ଆଦି ସମ୍ପର୍କରେ ସୂଚନା ମିଳିଲେ ପୁଲିସ୍‌କୁ ସୂଚନା ଦେବା ପାଇଁ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରଭାତ କୁମାର ବିଶ୍ୱାଳ ବୈଠକରେ କହିଥିଲେ।

## ପଲିଶ୍ରୀ ମେଳା

**ନୟାଗଡ଼** ଜିଲ୍ଲା ଦଶପଲ୍ଲା ସହର ଗାନ୍ଧି ମୈଦାନଠାରେ କୁଆଁରିଆ ମହୋତ୍ସବ ଓ ପଲିଶ୍ରୀ ମେଳାକୁ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଇତିହାସ ପୃଷ୍ଠାରେ ଦଶପଲ୍ଲାର ଏକ ସ୍ୱତନ୍ତ୍ର ସ୍ଥାନ ରହିଥିବାବେଳେ ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ପାଇଁ ଏହି ସ୍ଥାନରୁ ଦୀର୍ଘ ୨୫୦ରୁ ଊର୍ଦ୍ଧ୍ୱ ବର୍ଷ ହେବ ରଥକାଠ ଯୋଗାଣର ପରମ୍ପରା ରହିଥିବା ଶ୍ରୀ ସ୍ୱାଇଁ କହିଛନ୍ତି। କାର୍ଯ୍ୟକ୍ରମରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

## ଯୋଗାସନ ଚାମ୍ପିୟନସିପ

ଦ୍ୱିତୀୟ ଏସୀୟ ଯୋଗାସନ ଚାମ୍ପିୟନସିପ୍ ଆଜିଠାରୁ ନୂଆଦିଲ୍ଲୀର ଇନ୍ଦିରାଗାନ୍ଧି ଇଣ୍ଡୋର ଷ୍ଟାଡିୟମ୍‌ରେ ଆରମ୍ଭ ହେବ । ଯୋଗାସନ ଭାରତଦ୍ୱାରା ଆୟୋଜିତ ଏହି ଚାମ୍ପିୟନସିପ୍ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ୨୧ଟି ଏସୀୟ ଦେଶରୁ ୧୭୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ।

## କଳିଙ୍ଗ ସୁପରକପ୍

କଳିଙ୍ଗ ସୁପରକପ୍ ଫୁଟ୍‌ବଲ୍ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟ ମ୍ୟାଚ୍ ଆସନ୍ତାକାଲିଠାରୁ ଆରମ୍ଭ ହେବ। କଳିଙ୍ଗ ଷ୍ଟାଡିୟମ୍‌ଠାରେ ଚାଲିଥିବା ଏହି ପ୍ରତିଯୋଗିତାର ପ୍ରଥମ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍ ଆସନ୍ତାକାଲି କେରଳ ବ୍ଲାଷ୍ଟର୍ସ୍ ଏବଂ ମୋହନ ବାଗାନ ସୁପର ଜାଏଣ୍ଟସ୍ ମଧ୍ୟରେ ଖେଳାଯିବ। ସେହିଭଳି ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଏଫ୍‌ସି ଗୋଆ ଏବଂ ପଞ୍ଜାବ୍ ଏଫ୍‌ସି ମଧ୍ୟରେ ମୁକାବିଲା ହେବ। ତୃତୀୟ ଓ ଚତୁର୍ଥ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍‌ର ରବିବାର ଖେଳାଯିବ। ତୃତୀୟ କ୍ୱାର୍ଟର ଫାଇନାଲ୍‌ରେ ଇଣ୍ଟର କାଶୀ ଏବଂ ମୁମ୍ବାଇ ସିଟି ଏଫ୍‌ସି ପରସ୍ପରକୁ ଭେଟିବାକୁ ଥିବାବେଳେ ଚତୁର୍ଥ କ୍ୱାର୍ଟର ଫାଇନାଲ୍‌ରେ ନର୍ଥ ଇଷ୍ଟ ୟୁନାଇଟେଡ୍ ଏଫ୍‌ସି ଏବଂ ଜାମ୍‌ସେଦ୍‌ପୁର ଏଫ୍‌ସି ମଧ୍ୟରେ ମୁକାବିଲା ହେବ।

ସୂଚନାଯୋଗ୍ୟ, ଗତକାଲିର ପ୍ରଥମ ମ୍ୟାଚ୍‌ରେ ନର୍ଥ ଇଷ୍ଟ ୟୁନାଇଟେଡ୍ ୬/୦ ଗୋଲ୍‌ରେ ମହମ୍ମଡାନ୍ ସ୍ପୋର୍ଟିଂକୁ ହରାଇଥିବାବେଳେ ଦ୍ୱିତୀୟ ମ୍ୟାଚ୍‌ରେ

ଜାମ୍‌ସେଦ୍‌ପୁର ଏଫ୍‌ସି ୨/୦ ଗୋଲ୍‌ରେ ହାଇଦ୍ରାବାଦ ଏଫ୍‌ସି ବିପକ୍ଷରେ ବିଜୟୀ ହୋଇଥିଲା ।

## ଗ୍ରୀଷ୍ମ ପ୍ରବାହ

ରାଜ୍ୟରେ ଗ୍ରୀଷ୍ମର ପ୍ରକୋପ ଜାରି ରହିଥିବାବେଳେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି । ଏହି କ୍ରମରେ ଜଳ ସମସ୍ୟା ଥିବା ସ୍ଥାନମାନଙ୍କରେ ଆଗାମୀ ୭ ଦିନ ମଧ୍ୟରେ ସମାଧାନ କରିବା ପାଇଁ ପଂଚାୟତିରାଜମନ୍ତ୍ରୀ ରବି ନାରାୟଣ ନାୟକ ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

**-V/O-***(Rabi Narayan Nayak)*

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମପ୍ରକୋପ ଜାରି ରହିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଝାରସୁଗୁଡ଼ା, ସମ୍ବଲପୁର, ବୌଦ୍ଧ, ବଲାଙ୍ଗିର ଆଦି ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମ ଅନୁଭୂତ ହେବ । ସେହିପରି ଅନୁଗୁଳ, ସୋନପୁର, ସୁନ୍ଦରଗଡ଼, ବରଗଡ଼, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ସମେତ ୧୫ଟି ଜିଲ୍ଲାରେ ପ୍ରବଳ ଗରମ ସହ ଗୁଳୁଗୁଳି ନେଇ ସତର୍କ ସୂଚନା ଜାରି କରାଯାଇଛି ।